


सत्यमेव जयते
भारत सरकार

# ରାଷ୍ଟ୍ରର ସେବାରେ

## ମହାତ୍ମା ଗାନ୍ଧୀଙ୍କର 150ତମ ଜୟନ୍ତୀ

**4 ବର୍ଷ** | ରେଳ ଓ କୋଇଲା ମନ୍ତ୍ରଣାଳୟର ପଦକ୍ଷେପ ଓ ସଫଳତା

ଭାରତ ସରକାର, 2018



ମହାତ୍ମା ଗାନ୍ଧିଙ୍କର **150**ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ରେଳ ଓ କୋଇଲା ମନ୍ତ୍ରଣାଳୟ ଅତି ଆନନ୍ଦ ଅନୁଭବ କରୁଛି । ରେଳରେ ଦକ୍ଷିଣ ଆଫ୍ରିକାରେ ତାଙ୍କର ଅନୁଭୂତି ଠାରୁ ଆରମ୍ଭ କରି ଭାରତରେ ଜନଜାଗରଣ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧିଙ୍କ ସ୍ୱାଧୀନତା ସଂଗ୍ରାମ ସମୟରେ ରେଳପଥର ଅବିସ୍ମରଣୀୟ ଭୂମିକାକୁ ରାଷ୍ଟ୍ର ଆଜି ସ୍ମରଣ କରୁଅଛି । ଯେପରି ଗାନ୍ଧିଜୀ ରେଳ ଯାତ୍ରା କରି ଭାରତର କୋଣ ଅନୁକୋଣରେ ପହଞ୍ଚିପାରିଥିଲେ, ଆଜି ମଧ ରେଳପଥ ସେହିପରି ଭାରତର ପ୍ରତି କୋଣ ଓ ଅନୁକୋଣରେ ଥିବା ଜନସାଧାରଣଙ୍କ ନିକଟରେ ପହଞ୍ଚିବାର ମାଧ୍ୟମ ହୋଇ ରହିଅଛି ।

ସ୍ୱାଧୀନତା ସଂଗ୍ରାମରେ ରେଳ ଓ ରେଳ ଷ୍ଟେସନ ଗୁଡ଼ିକ ହଜାର ହଜାର ଭାରତୀୟଙ୍କ ପାଇଁ ସେମାନଙ୍କ ମହାନ୍ ନେତାଙ୍କର ଏକ ଝଲକ ପାଇବା ନିମନ୍ତେ ଏକଜୁଟ ହେବାର ଏକ ପସନ୍ଦଯୋଗ୍ୟ ସ୍ଥାନ ହେବା ସହିତ ସତ୍ୟ, ଅହିଂସା ଓ ସ୍ୱାଧୀନତା ପାଇଁ ତାଙ୍କ ସହ ସାମିଲ ହେବାର ଏକ ପ୍ରିୟ ସ୍ଥାନ ଥିଲା ।



# ନୂତନ ଭାରତ ଅଭିମୁଖେ

## ଭିଜନ୍ 2022



“ ବିଶ୍ୱରେ ଯେଉଁ ପରିବର୍ତ୍ତନ ଦେଖିବାକୁ ଚାହୁଁଛ,
ନିଜେ ସେହି ପରିବର୍ତ୍ତନର ରୂପ ନିଅ ”

- ମହାତ୍ମା ଗାନ୍ଧୀ
(1869–1948)

ମହାତ୍ମା ଗାନ୍ଧିଙ୍କ ମହାନ୍ ଆଦର୍ଶ, ଯେଉଁ ଆଦର୍ଶ ଦେଶକୁ ସ୍ୱାଧୀନ କରାଇଥିଲା, ସେହି ଆଦର୍ଶ ଦ୍ୱାରା ଅନୁପ୍ରାଣିତ ହୋଇ ଭାରତର ପ୍ରଧାନମନ୍ତ୍ରୀ ମାନନୀୟ ଶ୍ରୀ ନରେନ୍ଦ୍ର ମୋଦି ସ୍ୱାଧୀନତାର 75ବର୍ଷ ପୂର୍ତ୍ତୀ ଅବସରରେ **2022** ସୁଦ୍ଧା ନୂତନ ଭାରତର ପରିକଳ୍ପନାର ଲକ୍ଷ୍ୟ ରଖିଛନ୍ତି । ରେଳ ଓ କୋଇଲା ମନ୍ତ୍ରଣାଳୟ ନୂତନ ଭାରତ ଗଠନ ଓ ଦେଶର ବିକାଶ ଓ ସମୃଦ୍ଧିର ଶିଖରକୁ ପହଞ୍ଚାଇବା ନିମନ୍ତେ ଦୃଢ଼ ରୂପେ ପ୍ରତିଶ୍ରୁତିବଦ୍ଧ ।

“ ଭାରତୀୟ ରେଳପଥ
ରାଷ୍ଟ୍ର ବିକାଶ ଯାତ୍ରାର
ପ୍ରଗତି ଇଞ୍ଜିନ୍ ହେବ ”

ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀ

ସ୍ୱାଧୀନତା ସଂଗ୍ରାମ ଓ ସତ୍ୟର ବାର୍ତ୍ତା ଭାରତବର୍ଷର କୋଣ ଅନୁକୋଣରେ ପହଞ୍ଚାଇବା ନିମନ୍ତେ ମହାତ୍ମା ଗାନ୍ଧି ଭାରତୀୟ ରେଳପଥରେ କରିଥିବା ବ୍ୟାପକ ଯାତ୍ରାର ସ୍ମୃତିଚିତ୍ର ପ୍ରଚ୍ଛଦ ପୃଷ୍ଠାରେ ପ୍ରଦାନ କରାଯାଇଛି । ପୂର୍ବ ତଟ ରେଳପଥର ସାଧାରଣ ପ୍ରଶାସନ ବିଭାଗର କର୍ମଚାରୀ ପି.ଶ୍ୟାମ ସୁନ୍ଦର ଆଚାରୀଙ୍କ ଦ୍ୱାରା ଏହି ପ୍ରଚ୍ଛଦଚିତ୍ର ପ୍ରସ୍ତୁତ ।

# ନିରାପତ୍ତାକୁ ସର୍ବୋଚ୍ଚ ପ୍ରାଧାନ୍ୟ




"ଏକ ସଠିକ ନିର୍ଣ୍ଣୟ ତିନିଚତୁର୍ଥାଂଶ ପ୍ରତିକାର କରିଦିଏ"

\- ମହାତ୍ମା ଗାନ୍ଧୀ



## ରେଳ ନବୀକରଣ ଗୁଡ଼ିକର ତ୍ୱରିତ ସମ୍ପାଦନ

ରେଳ ନବୀକରଣରେ **50%** ବୃଦ୍ଧି ପାଇ **2013-14** ରେ **2,926** କି.ମି. ରୁ **2017-18** ରେ **4,405** କି.ମି. ରେ ପହଞ୍ଚିଛି

## ନିରାପଦ ଏଲ୍.ଏଚ୍.ବି. କୋଚ୍ ଗୁଡ଼ିକର ଉତ୍ପାଦନ ପାଇଁ ସମ୍ପୂର୍ଣ୍ଣ ପରିବର୍ତ୍ତନ



**2017-18 ରେ ସବୁଠାରୁ ଉତ୍ତମ ନିରାପତ୍ତା ରେକର୍ଡ଼**

**1.1 ଲକ୍ଷ ନିରାପତ୍ତା ପଦବୀ ଗୁଡ଼ିକ ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ ପୂରଣ କରାଯାଉଛି**

# ନିରାପତ୍ତାକୁ ସର୍ବୋଚ୍ଚ ପ୍ରାଥମିକତା

# ନିରାପତ୍ତାକୁ ସର୍ବୋଚ୍ଚ ପ୍ରାଧାନ୍ୟ

## ରାଷ୍ଟ୍ରୀୟ ରେଳ ସଂରକ୍ଷା କୋଷ (RRSK)

ନିରାପତ୍ତା ଜନିତ ଖର୍ଚ୍ଚ ପାଇଁ **1** ଲକ୍ଷ କୋଟିର ପାଣ୍ଠି ଗଠିତ ହୋଇଛି,
**₹ 16,000** କୋଟି ଅଦ୍ୟାବଧି ଖର୍ଚ୍ଚ ସରିଛି

---

## ଫୁଟ୍ ଓଭର ବ୍ରିଜ୍ (FOB) ଗୁଡ଼ିକ ବର୍ତ୍ତମାନ ନିରାପତ୍ତା ବିଷୟ ରୂପେ ପରିଗଣିତ

ଫୁଟ୍ ଓଭର ବ୍ରିଜ୍ ନିର୍ମାଣରେ **2009-14** ରେ ପ୍ରତିବର୍ଷ **23** ଟି ଥିବା ବେଳେ
**2014-18**ରେ **221%** ବୃଦ୍ଧି ପାଇ ପ୍ରତି ବର୍ଷ **74** ଟି ହୋଇଛି

---

## ସେନାବାହିନୀ ସହିତ ହାତକୁ ହାତ ମିଳାଇ କାର୍ଯ୍ୟ

ସେନାବାହିନୀ ସହାୟତାରେ ମୁମ୍ବାଇର ଏଲ୍‌ଫିନ୍‌ଷ୍ଟୋନ୍ ରୋଡ଼-ପାରେଲ୍, କରିରୋଡ଼ ଏବଂ
ଆମ୍ବିଭାଲି ଠାରେ **3** ଟି ଫୁଟ୍ ଓଭର୍ ବ୍ରିଜ୍ ନିର୍ମିତ ହୋଇଛି

---

## ସମସ୍ତ ଷ୍ଟେସନ ଓ ଟ୍ରେନ୍ ଗୁଡ଼ିକରେ ସିସିଟିଭି / ଭିଡ଼ିଓ ସର୍ଭିଲାନ୍ସ ପଦ୍ଧତି ଗୁଡ଼ିକର ସ୍ଥାପନା କରାଯାଉଅଛି

## ଅଦ୍ୟାବଧି ସର୍ବାଧିକ ନିର୍ମିତ ହୋଇଥିବା ରୋଡ଼ ଓଭର ବ୍ରିଜ୍ / ରୋଡ଼ ଅଣ୍ଡର ବ୍ରିଜ୍ / ଉପମାର୍ଗ

ପ୍ରତି ବର୍ଷ ହାରାହାରି ନିର୍ମାଣ ହେଉଥିବା ସଂଖ୍ୟା ଠାରୁ 3 ଗୁଣ ବୃଦ୍ଧି

**415** ପ୍ରତି ବର୍ଷ — **2004-14**

**1,220** ପ୍ରତି ବର୍ଷ — **2014-18**



---

## ବିଗତ ଚାରି ବର୍ଷ ମଧ୍ୟରେ 5,479 ଟି ପ୍ରହରୀବିହୀନ ଲେଭେଲ୍ କ୍ରସିଂ ଅପସାରିତ କରାଯାଇଛି

ଜୁନ୍ **2018** ସୁଦ୍ଧା ପ୍ରମୁଖ ମାର୍ଗ ଗୁଡ଼ିକରେ ଥିବା ସମସ୍ତ ପ୍ରହରୀବିହୀନ ଲେଭେଲ୍ କ୍ରସିଂ ଗୁଡ଼ିକୁ ଅପସାରଣ କରାଯିବ



# ମୂଳ ପୁଞ୍ଜି ବ୍ୟୟ ପରିମାଣରେ ବିଶାଳ ଅଗ୍ରଗତି

**2014-19** ମଧ୍ୟରେ
ହାରାହାରି ବାର୍ଷିକ ମୂଳ ପୁଞ୍ଜି
ବ୍ୟୟ ପରିମାଣ
**2009-14** ତୁଳନାରେ
ଦୁଇ ଗୁଣରୁ ଅଧିକ ହୋଇଛି




* ବଜେଟ ଆକଳନ **2018-19** ଅନ୍ତର୍ଭୁକ୍ତ

"ମଣିଷ ନିଜର ଭାଗ୍ୟ ନିଜେ ନିର୍ଦ୍ଧାରଣ କରିଥାଏ ଏବଂ ମୁଁ ସେଥିପାଇଁ ଆପଣଙ୍କୁ ନିଜର ଭାଗ୍ୟ ନିର୍ଦ୍ଧାରଣ କରିବା ପାଇଁ ପରାମର୍ଶ ଦେଇଥାଏ"

- ମହାତ୍ମା ଗାନ୍ଧୀ

# କ୍ଷମତା ବୃଦ୍ଧି : ଭବିଷ୍ୟତ ପାଇଁ ଭିତ୍ତିଭୂମି ନିର୍ମାଣ

ରେଳ ଲାଇନ୍ ଗୁଡ଼ିକର
ଦ୍ରୁତ କାର୍ଯ୍ୟକ୍ଷମ

ନୂତନ ଲାଇନ୍/ଦୋହରୀକରଣ/**3ୟ** ଓ **4ର୍ଥ** ଲାଇନ୍ ପ୍ରକଳ୍ପ ଗୁଡ଼ିକର ହାରାହାରି କାର୍ଯ୍ୟକ୍ଷମ ଅନ୍ତର **59%** ବୃଦ୍ଧି ପାଇ ଦୈନିକ **4.1** କି.ମି. (**2009-14**) ରୁ **6.53** କି.ମି. (**2014-18**) ହୋଇପାରିଛି



ଦୈନିକ **4.1** କି.ମି. (**2009-14**)



ଦୈନିକ **6.53** କି.ମି. (**2014-18**)

# ସଂଯୋଗକରୁଛି ଭାରତ
## ପୂର୍ବାଭିମୁଖୀ ନୀତି

ଉତ୍ତର ପୂର୍ବରେ ଥିବା ସମସ୍ତ ନେଟ୍‌ୱାର୍କକୁ ବ୍ରଡ଼ ଗେଜ୍‌ରେ ପରିବର୍ତ୍ତନ

ବିଶ୍ୱର ଅନ୍ୟତମ ସର୍ବୋଚ୍ଚ ପୋଲ ଜିରିବାମ-ଇମ୍ଫାଲ୍ ନୂତନ ଲାଇନ୍ ପ୍ରକଳ୍ପ ଅଧୀନରେ ନିର୍ମାଣ କରାଯାଉଛି

ମେଘାଳୟ (ଦୁଧନୋଇ-ମେଣ୍ଡିପଥର), ତ୍ରିପୁରା (କୁମାରଘାଟ-ଅଗରତାଲା) ଓ ମିଜୋରାମ (କଥାକାଲ-ଭୈରବୀ) ସହିତ ରେଳ ସଂଯୋଗୀକରଣ ହୋଇପାରିଛି

**₹ 51,428** କୋଟି ବ୍ୟୟରେ **1,397** କି.ମି.ର ନୂତନ ରେଳ ଲାଇନ୍ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି ପଥରେ



## ସହରତଳି ନେଟ୍‌ୱାର୍କ ପାଇଁ ପ୍ରମୁଖ ଉଦ୍ୟମ

**2018-19 ବଜେଟ୍‌ରେ ₹ 17,000 କୋଟି ବ୍ୟୟରେ ବେଙ୍ଗାଲୁରୁ ସହରତଳି ପ୍ରଣାଳୀର ବିକାଶ**

ପ୍ରାୟ **15** ଲକ୍ଷ ରେଳ ଯାତ୍ରୀ ଉପକୃତ ହେବେ

ଆଧୁନିକ ପଦ୍ଧତି ସହିତ ଶୀତତାପ ନିୟନ୍ତ୍ରିତ କୋଚ୍ ନବୀନତମ କୌଶଳଯୁକ୍ତ ସଂକେତ ବ୍ୟବସ୍ଥା ଓ ଅତ୍ୟାଧୁନିକ ଷ୍ଟେସନ

**2018-19 ବଜେଟ୍‌ରେ ₹ 54,777 କୋଟି ବ୍ୟୟରେ ମୁମ୍ବାଇ ସହରତଳି ପ୍ରଣାଳୀର ଉନ୍ନତିକରଣ**

ନୂତନ କରିଡ଼ର୍, ଅତିରିକ୍ତ ଲାଇନ୍ / ସମ୍ପ୍ରସାରଣ ଓ ଉନ୍ନତ ସଂକେତ ବ୍ୟବସ୍ଥା

ଶୀତତାପ ନିୟନ୍ତ୍ରିତ କୋଚ୍ ଓ ଉନ୍ନତ ଷ୍ଟେସନ ଗୁଡ଼ିକ ସହ ଯାତ୍ରୀ ସୁବିଧାରେ ବୃଦ୍ଧି



# ଭାରତରେ ସର୍ବପ୍ରଥମ ବୁଲେଟ ଟ୍ରେନ୍

## ମୁମ୍ବାଇ ଅହମ୍ମଦାବାଦ ତୀବ୍ର ଗତି ରେଳ

- **50** ବର୍ଷରେ ଶୂନ ଆକସ୍ମିକ ଦୁର୍ଘଟଣାର ରେକର୍ଡ଼ ଏବଂ ଏକ ମିନିଟ୍‌ରୁ କମ୍ ସମୟ ପାଇଁ ଟ୍ରେନ୍ ବିଳମ୍ବର ରେକର୍ଡ଼ ଥିବା ସିଙ୍କାନସେନ ପ୍ରଯୁକ୍ତିବିଦ୍ୟା
- ଆନୁମାନିକ **8** ଘଣ୍ଟାରୁ **2** ଘଣ୍ଟାକୁ ଯାତ୍ରା ସମୟ ହ୍ରାସ କରିବ
- ଜାପାନ ସରକାରଙ୍କ ଦ୍ୱାରା ଅତି କମ୍ ସହଜସାଧ୍ୟ ସୁଧ ହାରରେ ପୁଞ୍ଜି ଯୋଗାଣ ବ୍ୟବସ୍ଥା
- ବିଶାଳ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ
- ତୀବ୍ର ଗତି ପ୍ରଯୁକ୍ତିବିଦ୍ୟାରେ ଭାରତକୁ ଅଗ୍ରଣୀ କରିବାକୁ "ମେକ୍ ଇନ୍ ଇଣ୍ଡିଆ"

> "ଜୀବନ ଏକ ଉଚ୍ଚାକାଙ୍‌କ୍ଷା, ସଂପୂର୍ଣ୍ଣତା ପରେ ଉଦ୍ୟମରତ ରହିବା ଏହାର ଲକ୍ଷ୍ୟ, ଯାହା ହେଉଛି ଆତ୍ମାନୁଭୂତି ।"
>
> - ମହାତ୍ମା ଗାନ୍ଧୀ

# ମେକ୍ ଇନ୍ ଇଣ୍ଡିଆ

## ବିହାରର ମାଧେପୁରା ଠାରେ ବିଦ୍ୟୁତ୍ ଇଞ୍ଜିନ୍ କାରଖାନା






ହଲ୍‌ଦିଆ ଠାରେ ଡ଼ିଜେଲ୍ ଇଲେକ୍ଟ୍ରିକ୍ ମଲ୍ଟିପୁଲ୍ ୟୁନିଟ୍ (ଡ଼େମୁ) ରେକ୍ ନିର୍ମାଣ କରିବା ପାଇଁ କାରଖାନା




## ଆଗାମୀ ପ୍ରକଳ୍ପ

ମରାଠୱାଡ଼ାର ଲାଟୁର୍ ଠାରେ ସହରତଳି ଓ ମେଟ୍ରୋ ଟ୍ରେନ୍ ଗୁଡ଼ିକ ନିମନ୍ତେ କୋଚ୍ ନିର୍ମାଣ

ଆସାମର ନିଉ ବୋଙ୍ଗାଇଗାଓଁ ଠାରେ ଏଲ୍‌ଏଚ୍‌ବି କୋଚ୍ ଗୁଡ଼ିକର ନବୀକରଣ ନିମନ୍ତେ କାରଖାନା ଅନୁମୋଦିତ

ଆସାମର ଲୁମଡ଼ିଙ୍ଗ୍ ଠାରେ **DEMU** / ମେନ୍ ଲାଇନ୍ **EMU** ସେଡ୍ ଅନୁମୋଦିତ

ବୁନ୍ଦେଲଖଣ୍ଡର ଝାନ୍‌ସି ଓ ହରିୟାଣାର ସୋନିପତ୍ ଠାରେ କୋଚ୍ ନବୀକରଣ ସୁବିଧା ଯୋଜନା

> “ନିଜ ସାଥୀର ମଙ୍ଗଳ ସାଧନ କରିବା ହେଉଛି ଜଣେ ମନୁଷ୍ୟର ପ୍ରକୃତ ଧନ”
>
> - ମହାତ୍ମା ଗାନ୍ଧୀ

# ବିଦ୍ୟୁତୀକୃତ ରେଳପଥ

**ଗୋଟିଏ ବର୍ଷରେ ସର୍ବାଧିକ ବିଦ୍ୟୁତୀକରଣ କାର୍ଯ୍ୟ**

**4,087 RKM**
(2017-18)

6 ଗୁଣରୁ
ଅଧିକ ବୃଦ୍ଧି

**610 RKM**
(2013-14)



ଅଧିକରୁ ଅଧିକ
ଦ୍ରୁତ ଗତିରେ
କାର୍ଯ୍ୟ ସମ୍ପାଦନ

## ଗତି

ଡ଼ିଜେଲ ଇଞ୍ଜିନ୍‌ରୁ ବିଦ୍ୟୁତ୍ ଟ୍ରାକ୍ସନ୍‌କୁ ରୂପାନ୍ତରଣ ହେବା ବିଶ୍ୱରେ ସର୍ବପ୍ରଥମ

ନୂତନ ଦେଶୀୟ ବିଦ୍ୟୁତ୍ ଇଞ୍ଜିନ୍ **5,000** ଏଚ୍‌ପି ପ୍ରଦାନ କରିଥାଏ, ଯାହା ପୁରୁଣା ସଂସ୍କରଣ ଠାରୁ **92%** ଅଧିକ

ନୂତନ ପିଢ଼ିର **12,000** ଏଚ୍‌ପି ଇଞ୍ଜିନ୍ ଗୁଡ଼ିକ ଉତ୍ପାଦନ ହେଉଛି ଉର୍ଜା ଦକ୍ଷତା ବୃଦ୍ଧି ଓ ମାଲ୍‌ବାହୀ ଟ୍ରେନ୍ ଗୁଡ଼ିକର ଗତି ବୃଦ୍ଧି ନିମନ୍ତେ

## ସଂଚୟ

ଉର୍ଜା ଦକ୍ଷତା ଇନ୍ଧନ ଖର୍ଚ୍ଚ ହ୍ରାସ କରିବାରେ ସାହାଯ୍ୟ କରିବ

ସମ୍ପୂର୍ଣ୍ଣ ବିଦ୍ୟୁତୀକରଣ ଦ୍ୱାରା ବାର୍ଷିକ ଆନୁମାନିକ ₹ **13,500** କୋଟିର ସଂଚୟ

ଭାରତର ଉର୍ଜା ସୁରକ୍ଷାକୁ ଅବଦାନ ଏବଂ ବାଣିଜ୍ୟ ନିଅଣ୍ଟ କ୍ଷେତ୍ରର ଉନ୍ନତି

## ସ୍ଥାୟିତ୍ୱ

କାର୍ବନ ବିକିରଣରେ ହ୍ରାସ ଏବଂ ପରିବେଶ ସନ୍ତୁଳନର ପ୍ରୋତ୍ସାହନ

# ନୂତନ ରେଳପଥ ସଂକେତ ବ୍ୟବସ୍ଥା

ଭାରତୀୟ ରେଳପଥରେ
ଅତ୍ୟାଧୁନିକ ସଂକେତ ବ୍ୟବସ୍ଥାର ପ୍ରଚଳନ

**2017-18** ମଧ୍ୟରେ ସଂକେତ ବ୍ୟବସ୍ଥାର
ଉନ୍ନତିକରଣ ନିମନ୍ତେ ₹ **1,299** କୋଟିର ପୁଞ୍ଜିନିବେଶ

ପୂର୍ବ ବର୍ଷ ତୁଳନାରେ **31%** ଅଧିକ

**2017-18** ମଧ୍ୟରେ **208** ଟି ଷ୍ଟେସନରେ
ଅତ୍ୟାଧୁନିକ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ
ପଦ୍ଧତି ଯୋଗାଇ ଦିଆଯାଇଅଛି

ପୂର୍ବ ବର୍ଷ ତୁଳନାରେ **26%** ଅଧିକ








# ଭାରତ ଅର୍ଥନୀତିକୁ ଗତିଶୀଳ କରାଉଛି : ପଣ୍ୟ ପରିବହନ




ପଣ୍ୟ ପରିବହନ କ୍ଷେତ୍ରରେ ମାର୍କେଟ ସେୟାର୍ **33%** ରୁ **45%** କୁ
ବୃଦ୍ଧି କରିବା ନିମନ୍ତେ **2022** ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି

ପଣ୍ୟ ପରିବହନର ପରିଚାଳନା ଓ ଭିତ୍ତିଭୂମି ର ବିକାଶ ନିମନ୍ତେ
ଘରୋଇ ଉଦ୍ୟୋଗର ଅଂଶଗ୍ରହଣକୁ ପ୍ରୋତ୍ସାହନ

ଘରୋଇ ପଣ୍ୟ ପରିବହନ ଟର୍ମିନାଲ୍ (**PFT**) ନୀତି- ଅଦ୍ୟାବଧି **58 PFT** ଅଧିସୂଚିତ

ୱାଗନ୍ ଗୁଡ଼ିକ ନିମନ୍ତେ ଘରୋଇ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ପାଇଁ ନୂତନ ନୀତି ଜାରି

**2013-14**ରେ **1,052** ନିୟୁତ ଟନ୍ ତୁଳନାରେ **2017-18**ରେ **1,162** ନିୟୁତ ଟନ୍
ପଣ୍ୟ ବୋଝେଇ କରାଯାଇଛି, ଯାହା **10.5%** ସର୍ବାଧିକ

**2017-18**ରେ ପଣ୍ୟ ପରିବହନ ବାବଦରେ ଆଶା କରାଯାଉଥିବା ଆୟ ₹ **1.17** ଲକ୍ଷ କୋଟି,
ଯାହାକି ସର୍ବାଧିକ ଏବଂ ପୂର୍ବ ବର୍ଷ ତୁଳନାରେ **12%** ଅଧିକ



# ଭାରତ ଅର୍ଥନୀତିକୁ ଗତିଶୀଳ କରାଉଛି : ଡ଼ି.ଏଫ଼୍‌.ସି.








## ଉତ୍ସର୍ଗୀକୃତ ପଣ୍ୟ ପରିବହନ କରିଡର (DFCs)

**2019-20** ସୁଦ୍ଧା ପର୍ଯ୍ୟାୟକ୍ରମେ ପଶ୍ଚିମାଞ୍ଚଳ ଓ ପୂର୍ବାଞ୍ଚଳ ଉତ୍ସର୍ଗୀକୃତ ପଣ୍ୟ ପରିବହନ କରିଡର (**2,822** କି.ମି.) କାର୍ଯ୍ୟକ୍ଷମ ହେବ

ମାର୍ଚ୍ଚ **2014** ସୁଦ୍ଧା **₹ 12,749** କୋଟିର ଠିକା ପ୍ରଦାନ କରାଯାଇଥିବା ସ୍ଥଳେ ବିଗତ ଚାରି ବର୍ଷ ମଧ୍ୟରେ **₹ 39,157** କୋଟିର ଠିକା ପ୍ରଦାନ କରାଯାଇଛି (**200%** ଅଧିକ ବୃଦ୍ଧି)

ବର୍ତ୍ତମାନ ଥିବା ନେଟ୍‌ୱାର୍କ ଦ୍ୱାରା ପଣ୍ୟ ପରିବହନର ଯାତ୍ରା ସମୟ, ପରିବହନ ଖର୍ଚ୍ଚ ଏବଂ ଅବରୁଦ୍ଧତା ହ୍ରାସ ପାଇଛି

କାରଖାନା ଏବଂ ଫାର୍ମ ରୁ ବନ୍ଦର ସଂଯୋଗ ହେବା ଦ୍ୱାରା ଅର୍ଥନୀତିକ ଉନ୍ନତି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି

ଅର୍ଥନୀତିକ ଅଭିବୃଦ୍ଧି ନିମନ୍ତେ ହବ୍ ଗୁଡ଼ିକ ସୃଷ୍ଟି ହୋଇଛି









“ ସ୍ୱଚ୍ଛତା ହିଁ ପବିତ୍ରତା ”

- ମହାତ୍ମା ଗାନ୍ଧୀ

# ଷ୍ଟେସନ ଉନ୍ନତିକରଣ

## ଭବିଷ୍ୟତ ଆଡ଼କୁ ଲକ୍ଷ୍ୟ ପ୍ରଦାନ

### ବିଶ୍ୱସ୍ତରୀୟ ସୁବିଧା ସହିତ
### ଷ୍ଟେସନ ଗୁଡ଼ିକର ବିକାଶ କରାଯିବ

ଯାତ୍ରୀମାନଙ୍କ ନିମନ୍ତେ ଉନ୍ନତ ସୁବିଧା ସୁନିଶ୍ଚିତ କରାଇବା ପାଇଁ ଷ୍ଟେସନ ଗୁଡ଼ିକୁ ପୁନଃବର୍ଗୀକୃତ କରାଯାଇଛି

ଆୟ ଓ ଯାତ୍ରୀ ସଂଖ୍ୟା ବୃଦ୍ଧି ନିମନ୍ତେ ଯୋଜନାବଦ୍ଧ ଗୁରୁତ୍ୱ ପାଇଁ ଧ୍ୟାନ ଦେବାକୁ ବାସ୍ତବ ନୀତି

ମାର୍ଚ୍ଚ **2019** ସୁଦ୍ଧା ରେଳପଥ ଦ୍ୱାରା **68** ଷ୍ଟେସନ ଗୁଡ଼ିକର ଉନ୍ନତିକରଣ

ସ୍ଥାନୀୟ କଳାକୁ ବ୍ୟବହାର କରି **60** ଟି ଷ୍ଟେସନର ସୌନ୍ଦର୍ଯ୍ୟକରଣ ସମାପ୍ତ ହୋଇସାରିଛି

ଡ଼ିସେମ୍ବର, **2018** ସୁଦ୍ଧା ମଧ୍ୟପ୍ରଦେଶର ହବିବ୍‌ଗଞ୍ଜ ଷ୍ଟେସନ ଓ ଗୁଜୁରାଟର ଗାନ୍ଧିନଗର ଷ୍ଟେସନ ପୁନଃଉନ୍ନତିକରଣ

ସମସ୍ତ ରେଳ ଷ୍ଟେସନ ଗୁଡ଼ିକରେ **100%** ଏଲ୍‌ଇଡ଼ି ଲାଇଟ୍ ବ୍ୟବସ୍ଥା






# ଏକ ସ୍ମରଣୀୟ ଯାତ୍ରା ନିମନ୍ତେ...

## ଯାତ୍ରୀବଗି ଗୁଡ଼ିକର ନବୀକରଣ

ମାର୍ଚ୍ଚ 2019 ସୁଦ୍ଧା ମେଲ୍ / ପାସେଞ୍ଜର ଟ୍ରେନ୍‌ଗୁଡ଼ିକ ସହିତ 5,000 କୋଚ୍‌ର ଆଭ୍ୟନ୍ତରୀଣ ଉନ୍ନତିକରଣ

### ଆଧୁନିକ ଟ୍ରେନ୍ / କୋଚ୍

ଚଳିତ ବର୍ଷ ସର୍ବପ୍ରଥମ ସ୍ୱଦେଶୀ ଟ୍ରେନ୍ ସେଟ୍ କାର୍ଯ୍ୟକ୍ଷମ ପାଇଁ ପ୍ରସ୍ତୁତ

ତେଜସ୍, ଅନ୍ତ୍ୟୋଦୟ ଏବଂ ହମ୍‌ସଫର୍ ଟ୍ରେନ୍‌ର ଶୁଭାରମ୍ଭ

ଡବଲ୍ ଡେକର 'ଉଦୟ' ରେକ୍ ସେବା ପାଇଁ ପ୍ରସ୍ତୁତ

ଆଧୁନିକ ବ୍ୟବସ୍ଥା ସହିତ ଦୀନ ଦୟାଳୁ ଏବଂ ଅନୁଭବୀ କୋଚ୍

କେତେକ ବଛା ବଛା ରୁଟ୍‌ରେ ଗ୍ଲାସ୍ ଟପ୍ 'ଭିଷ୍ଟାଡୋମ୍' କୋଚ୍ ଚଳାଚଳ କରିବ ଯାହାଦ୍ୱାରା ପର୍ଯ୍ୟଟକମାନେ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ ।








# ଯାତ୍ରୀ ସେବାରେ ଅଗ୍ରଗତି

## ନୂତନ ଟ୍ରେନ୍

ଗତ 4 ବର୍ଷ ମଧ୍ୟରେ 407 ଟି ନୂଆ ଟ୍ରେନ୍ ସେବା ପ୍ରଦାନ

ପାର୍ବଣ ସମୟରେ ଚାହିଦା ପୂରଣ ପାଇଁ ଗତ 4 ବର୍ଷ ମଧ୍ୟରେ 1.37 ଲକ୍ଷ ସେବାର ଶୁଭାରମ୍ଭ

ଇଞ୍ଜିନ୍ ଏବଂ ମୂଲ୍ୟବାନ ସମ୍ପତ୍ତିର ଉପଯୁକ୍ତ ବିନିଯୋଗ ନିମନ୍ତେ 22 ଟି ନୂଆ ଟ୍ରେନ୍ ଏବଂ 44ଟି ଟ୍ରେନ୍‌ର ସଂପ୍ରସାରଣ

## ତୃତୀୟ ପକ୍ଷ ପ୍ରଦର୍ଶନ ଯାଞ୍ଚ

ଯାତ୍ରୀ ସୁବିଧା, ଖାଦ୍ୟ ସରବରାହ, ପରିଚ୍ଛନ୍ନତା ଏବଂ ସମୟାନୁବର୍ତ୍ତିତା ନିରୀକ୍ଷଣ କରିବାକୁ 100 ଗୋପନୀୟ ସପର ନିଯୁକ୍ତି

## ସମୟାନୁବର୍ତ୍ତିତା

ଭିତ୍ତିଭୂମି ଏବଂ ନିରାପତ୍ତା କାର୍ଯ୍ୟକୁ ପ୍ରାଥମିକତା ଦେବା ଦ୍ୱାରା ସ୍ୱଳ୍ପକାଳୀନ ପାଇଁ ସମୟାନୁବର୍ତ୍ତିତା ସାମାନ୍ୟ ପ୍ରଭାବିତ ହେଉଛି । କିନ୍ତୁ ଦୀର୍ଘକାଳୀନ ଭିତ୍ତିରେ ଆଗକୁ ଏହା ତ୍ୱରିତ ଏବଂ ନିରାପଦ ଟ୍ରେନ୍ ଯାତ୍ରାରେ ସହାୟକ ହେବ ।

ଚଳାଚଳ ସମୟ ହ୍ରାସ କରି ଟ୍ରେନ୍‌ର ସମୟସାରଣୀରେ ଉନ୍ନତି ଏବଂ ଯୋଜନାପ୍ରଦ ଭାବେ ରକ୍ଷଣାବେକ୍ଷଣ ପାଇଁ ବ୍ଲକ୍ ପ୍ରଦାନ

ଟ୍ରେନ୍ ବିଳମ୍ବ ନେଇ ଯାତ୍ରୀଙ୍କୁ ସୂଚନା ଦେବାକୁ 1,373 ଟ୍ରେନ୍‌ରେ ଏସ୍‌ଏମ୍‌ଏସ୍ ସେବା ଆରମ୍ଭ





# ବିଶ୍ୱସ୍ତରୀୟ ଯାତ୍ରୀ ସୁବିଧା




## ଏସ୍କାଲେଟର ଏବଂ ଲିଫ୍ଟ

ଯାତ୍ରୀ ଚଳପ୍ରଚଳ ପାଇଁ ସୁବିଧା ପ୍ରଦାନ



# ଡିଜିଟାଲ ଭାରତ, ଡିଜିଟାଲ ରେଳ




**675ଟିରୁ ଉର୍ଦ୍ଧ୍ୱ ଷ୍ଟେସନରେ ଉଚ୍ଚ ଗତି ସମ୍ପନ୍ନ ୱାଇ-ଫାଇ ସେବା**

ସବୁ ଷ୍ଟେସନ ହେବ ୱାଇ-ଫାଇ

ନିକଟବର୍ତ୍ତୀ ଅଞ୍ଚଳର ଯୁବକ, ମହିଳା, କୃଷକ ଏବଂ ଗ୍ରାମବାସୀଙ୍କ ପାଇଁ ଲାଭଜନକ ହେବ



**ନଗଦରହିତ କାରବାର ପାଇଁ ପଏଣ୍ଟ ଅଫ୍ ସେଲ (ପିଓଏସ୍) ମେସିନ୍**

4,000ଟି ସ୍ଥାନରେ 9,100 ପିଓଏସ୍ ମେସିନ୍ ସ୍ଥାପିତ

'ନୋ ବିଲ୍, ଫ୍ରି ଫୁଡ୍' ନୀତି: ପିଓଏସ୍ ମେସିନ୍ ଦ୍ୱାରା ବାଧ୍ୟତାମୂଳକ ବିଲିଂ ଲାଗୁହେବ

**ଇ-ଟିକେଟିଂ କ୍ଷମତା 2014ରେ ମିନିଟ୍ ପ୍ରତି 2,000ରୁ 2018ରେ 20,000କୁ ବୃଦ୍ଧି**

କ୍ରେଡିଟ୍ ଓ ଡେବିଟ୍ କାର୍ଡ଼ ମାଧ୍ୟମରେ ବୁକିଂ କାଉଣ୍ଟର ଗୁଡ଼ିକରୁ ଟିକଟ କିଣା କ୍ଷେତ୍ରରେ ସେବା କର ଉଚ୍ଛେଦ

ସୋସିଆଲ ମିଡ଼ିଆ ମାଧ୍ୟମରେ ଯାତ୍ରୀମାନଙ୍କର ଅଭିଯୋଗର ଦ୍ରୁତ ନିଷ୍ପତ୍ତି ନିଆଯାଇଛି










# ଖାଦ୍ୟ ସରବରାହ (କ୍ୟାଟେରିଂ)

2017-18ରେ 16ଟି ବେସ୍ ରୋଷେଇଶାଳା (ବେସ୍ କିଚେନ୍)ର ଉନ୍ନତିକରଣ

ପ୍ରସ୍ତୁତ ଖାଦ୍ୟକୁ ସ୍ୱାସ୍ଥ୍ୟକର ଓ ଗୁଣାତ୍ମକ କରିବା ପାଇଁ ରୋଷେଇଶାଳା ଗୁଡ଼ିକୁ ଯାଞ୍ଚ କରିବା ପାଇଁ Artificial Intelligence ବ୍ୟବସ୍ଥା

314ଟି ଷ୍ଟସନରେ ଇ-କ୍ୟାଟରିଂ ଆରମ୍ଭ ହୋଇ ସାରିଥିବାବେଳେ ଆଉ 100ଟି ପାଇଁ ଯୋଜନା ରହିଛି । ଦୈନିକ 7,000ରୁ ଅଧିକ ମିଲ୍

300ଟି ରୁ ଉର୍ଦ୍ଧ୍ୱ ଟ୍ରେନ୍‌ରେ ଦିଆଯାଉଥିବା ଖାଦ୍ୟ ଉପରେ ବାଧ୍ୟତାମୂଳକ ଏମଆର୍‌ପି ପ୍ରିଣ୍ଟ

ରେଳବାଇରେ ଟିପ୍‌ସ ସଂପୂର୍ଣ୍ଣ ନିଷେଧ

32ଟି ରାଜଧାନୀ, ଶତାବ୍ଦୀ, ଦୁରନ୍ତ ଓ ଗତିମାନ ଏକ୍ସପ୍ରେସ୍‌ରେ ଇଚ୍ଛାଧୀନ ଖାଦ୍ୟ ସରବରାହ ବ୍ୟବସ୍ଥା ଲାଗୁ

600ଟି ଷ୍ଟେସନ୍‌ରେ 1,689ଟି ୱାଟର୍ ଭେଣ୍ଡିଙ୍ଗ୍ ମେସିନ୍ ବ୍ୟବସ୍ଥା

स्वच्छ भारत
एक कदम स्वच्छता की ओर

# ସ୍ୱଚ୍ଛତା ହିଁ ସେବା

488ଟି ଷ୍ଟେସନରେ ସମନ୍ୱିତ ଯାନ୍ତ୍ରୀକ ସଫେଇ ବ୍ୟବସ୍ଥା କରାଯାଇଛି ।

ମାର୍ଚ୍ଚ 2019 ସୁଦ୍ଧା ସମସ୍ତ ସହରତଳି ଓ ପ୍ରମୁଖ ଷ୍ଟେସନ ମାନଙ୍କରେ ଯାନ୍ତ୍ରୀକ ସଫେଇ ବ୍ୟବସ୍ଥା କରାଯିବ ।

---

ଟ୍ରେନ୍‌ରେ ପ୍ରଦାନ କରାଯାଉଥିବା ସଫା କପଡ଼ାର ମାନ ବୃଦ୍ଧି ପାଇଁ ଯାନ୍ତ୍ରୀକ ଲଣ୍ଡ୍ରି: 2009-14 ମଧ୍ୟରେ 26ଟି ପ୍ରତିଷ୍ଠା କରାଯାଇ ଥିବାବେଳେ 2014-18ରେ 33ଟି ପ୍ରତିଷ୍ଠା କରାଯାଇଛି

ଡିସେମ୍ବର 2019 ସୁଦ୍ଧା କପଡ଼ା ସଫେଇ ମାନ ବୃଦ୍ଧି ପାଇଁ 100% ଯାନ୍ତ୍ରୀକ ଲଣ୍ଡ୍ରି

---

ବାୟୋଟଏଲେଟ୍ ସ୍ଥାପନରେ ଲକ୍ଷ୍ୟଧାର୍ଯ୍ୟ ଠାରୁ ଆଗରେ

ସ୍ଥାପନ କରାଯାଇଥିବା ବାୟୋ ଟଏଲେଟ୍ :
2014-18 ରେ 1,17,164 ବନାମ 2004-14 ରେ 9,587

ମାର୍ଚ୍ଚ 2019 ସୁଦ୍ଧା ସମସ୍ତ ଟ୍ରେନ୍‌ରେ ବାୟୋଟଏଲେଟ୍
ବିମାନ ଭଳି ଭାକୁମ୍ ବାୟୋ ଟଏଲେଟ୍ ପାଇଁ ପରୀକ୍ଷା କରାଯାଉଛି

---

ଡିସେମ୍ବର 2018 ସୁଦ୍ଧା ସମସ୍ତ ଷ୍ଟେସନରେ ସୁବିଧା ଦରରେ ସାନିଟାରି ପ୍ୟାଡ୍ ଏବଂ ଡିସ୍‌ପେନ୍ସିଂ ମେସିନ୍










## ଟ୍ରାକ୍‌ରେ ପରିଚ୍ଛନ୍ନତା

ଆବର୍ଜନା ସଫା କରିବା ପାଇଁ ସ୍ୱୟଂଚାଳିତ ରେଲ୍ ମାଉଣ୍ଟେଡ୍ ମେସିନ୍ ଦିଲ୍ଲୀରେ ଆରମ୍ଭ ହୋଇଛି । ସାରା ଭାରତରେ ମଧ୍ୟ ଏଭଳି ମେସିନ ପାଇଁ ଯୋଜନା ରହିଛି ।

---

## ସ୍ୱାଧୀନ ତୃତୀୟପକ୍ଷ ସର୍ବେକ୍ଷଣ

ଷ୍ଟେସନ୍ ଏବଂ ଟ୍ରେନ୍‌ଗୁଡ଼ିକରେ ସ୍ୱାଧୀନ ତୃତୀୟ ପକ୍ଷ ସର୍ବେକ୍ଷଣ ଆରମ୍ଭ ହୋଇଛି ।

---

## ହାଉସ୍‌କିପିଂ ଠିକା ପାଇଁ ନୂଆ ବ୍ୟବସ୍ଥା

ଯାତ୍ରୀମାନେ ଦେଇଥିବା ମତାମତ ଓ ଶ୍ରେଣୀକରଣ (ରେଟିଂ) ଅନୁଯାୟୀ ଠିକା ସଂସ୍ଥାଗୁଡ଼ିକୁ ଦେୟ ପ୍ରଦାନ









# ପରିବର୍ତ୍ତନ ନିମନ୍ତେ ସଂସ୍କାର : ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ

## ବିଭିନ୍ନ ସେବାର ପ୍ରଚଳନ ନିମନ୍ତେ ଚୁକ୍ତିର ସାଧାରଣ ସର୍ତ୍ତାବଳୀ

ଖର୍ଚ୍ଚ ହ୍ରାସ କରିବା ଏବଂ ପ୍ରତିଯୋଗିତା ମନୋଭାବ ଆଣିବା ପାଇଁ ସେବା ପ୍ରଦାନକାରୀ ଠିକା ସଂସ୍ଥାଙ୍କର ସହଜ ପଞ୍ଜୀକରଣ ପ୍ରକ୍ରିୟା




## ସାମଗ୍ରୀ କ୍ରୟ ପ୍ରକ୍ରିୟାରେ ପରିବର୍ତ୍ତନ

ଇ-ରିଭର୍ସ ନିଲାମ ପ୍ରକ୍ରିୟା ଜାରି ହେବା ଦ୍ୱାରା
**ବାର୍ଷିକ ₹ 20,000 କୋଟି ସଞ୍ଚୟ ହେବ**

---

ସିଙ୍ଗଲ ୱେବ ପୋର୍ଟାଲ ମାଧ୍ୟମରେ **100%** ଇ-କ୍ରୟ

**ଇ-କ୍ରୟ ପୋର୍ଟାଲ ମାଧ୍ୟମରେ 17 ଲକ୍ଷ ଇ-ଟେଣ୍ଡର୍ ଜାରି**

---

IREPS ପୋର୍ଟାଲରେ ପଞ୍ଜୀକୃତ ଭେଣ୍ଡର ସଂଖ୍ୟା 2014ରେ 19,867ରୁ 2018ରେ 81,127 ପର୍ଯ୍ୟନ୍ତ ପହଞ୍ଚିଛି ଯାହା 4 ଗୁଣ ବୃଦ୍ଧି ପାଇଛି

---

ଗଭର୍ଣମେଣ୍ଟ ଇ ମାର୍କେଟ୍ ପ୍ଲେସ୍(GeM) ଦ୍ୱାରା ବାଧ୍ୟତାମୂଳକ ବ୍ୟବହୃତ ସେବା

## ଭେଣ୍ଡର୍ ସଂଖ୍ୟା ବୃଦ୍ଧି ଏବଂ ଖର୍ଚ୍ଚ ହ୍ରାସ ଦ୍ୱାରା ପ୍ରତିଯୋଗିତାକୁ ପ୍ରୋତ୍ସାହନ

ଠିକା ସଂସ୍ଥାଗୁଡ଼ିକୁ ରେଳବାଇ 'ପ୍ରଥମେ ଆସ.. ପ୍ରଥମେ ଯାଅ' ପ୍ରଣାଳୀରେ ଦେୟ ପ୍ରଦାନ କରିବ

---

ସମସ୍ତ ଯୋଗାଣକାରୀ ଏବଂ ଠିକା ସଂସ୍ଥାକୁ କାର୍ଯ୍ୟକାରୀ ପୁଞ୍ଜି (Working Capital) ନିମନ୍ତେ ଲେଟର୍ ଅଫ୍ କ୍ରେଡିଟ୍ ପ୍ରଦାନ କରାଯିବ ।

---

ରେଳବାଇର ସମସ୍ତ କ୍ଷେତ୍ରରେ ରସିଦ୍ ନୋଟ୍, ଯୋଗାଣକାରୀ ବିଲ୍, ରସିଦ୍ ଚାଲାଣ ଆଦିର ଡିଜିଟାଲକରଣ ହେବ

**ଏଥିରେ ହାରାହାରି ₹ 50,000 କୋଟି ର ରସିଦ୍ ନୋଟ୍, ରସିଦ ଚାଲାଣ ଅନ୍ତର୍ଭୁକ୍ତ**



"ପ୍ରତି ସଂସ୍କାରର ଅର୍ଥ ହେଉଛି ପୁନର୍ଜାଗରଣ । ଯେତେ ବାସ୍ତବରେ ପୁନର୍ଜାଗରଣ ହେଲେ ଜୀବନର କେବଳ ଗୋଟିଏ କ୍ଷେତ୍ରରେ ସଂସ୍କାରକୁ ନେଇ ଗୋଟିଏ ଜାତି ସନ୍ତୁଷ୍ଟ ହୋଇ ରହିବ ନାହିଁ"

- ମହାତ୍ମା ଗାନ୍ଧୀ

GeM
ସରକାରଙ୍କର
ଇ-ମାର୍କେଟ ପ୍ଲେସ୍

## ରିସର୍ଚ୍ଚ ଡିଜାଇନ୍ ଏବଂ ଷ୍ଟାଣ୍ଡାର୍ଡ ଅର୍ଗାନାଇଜେସନ୍ କ୍ଷେତ୍ରରେ ସହଜ ଅନୁମୋଦନ ପ୍ରକ୍ରିୟା (ଆରଡିଏସଓ)

ମନୋନୀତ ସଂସ୍ଥା (ଆରଡିଏସଓ, ଉତ୍ପାଦନ ୟୁନିଟ୍ ଆଦି) ଦ୍ୱାରା ଅନୁମୋଦିତ ଭେଣ୍ଡରମାନଙ୍କ ସଂପୂର୍ଣ୍ଣ ବିବରଣୀ ଅନଲାଇନ୍‌ରେ

---

ପ୍ରକ୍ରିୟା ସମୟ 30 ମାସରୁ 6 ମାସକୁ ହ୍ରାସ

# 13+ ଲକ୍ଷ ରେଳବାଇ ପରିବାର

## କ୍ଷେତ୍ର ଅଧିକାରୀ ମାନଙ୍କୁ ସଶକ୍ତିକରଣ / କ୍ଷମତାର ବିକେନ୍ଦ୍ରୀକରଣ

ସର୍ବାଧିକ କାର୍ଯ୍ୟ ହାସଲ ଲକ୍ଷ୍ୟରେ ମହାପ୍ରବନ୍ଧକମାନଙ୍କୁ ସଂପୂର୍ଣ୍ଣ କ୍ଷମତା ବିକେନ୍ଦ୍ରିତ କରାଯାଇଛି

ତ୍ୱରିତ ପ୍ରକ୍ରିୟାକରଣ ଏବଂ ନିଷ୍ପତ୍ତି ନେବା ପାଇଁ ମଣ୍ଡଳ ରେଳପ୍ରବନ୍ଧକ ମାନଙ୍କୁ ସେବା ଚୁକ୍ତିଗୁଡ଼ିକ ପାଇଁ କ୍ଷମତା ଅର୍ପଣ କରାଯାଇଛି

ଭେଣ୍ଡରମାନଙ୍କ କ୍ଷମତା ବୃଦ୍ଧି କରି ତାଙ୍କୁ ଉନ୍ନତ ଓ ନିଜର ଉତ୍ସକୁ ପରିଚାଳନା କରିବାକୁ ପ୍ରଡ଼କ୍ସନ୍ ୟୁନିଟ୍ ଗୁଡ଼ିକର ଅନୁମୋଦନ ପ୍ରକ୍ରିୟାର ବିକେନ୍ଦ୍ରୀକରଣ

**"ଆପଣଙ୍କୁ ମାନବିକତା ଉପରେ ବିଶ୍ୱାସ ହରାଇବା ଉଚ଼ିତ ନୁହେଁ । ମାନବିକତା ଏକ ମହାସାଗର, ଯଦି ମହାସାଗରର କିଛି ବୁନ୍ଦା ଜଳ ଅପରିଷ୍କାର ହୁଏ, ଦେବେ ସାରା ମହାସାଗର ଅସ୍ୱଚ୍ଛ ହୁଏ ନାହିଁ"**

**- ମହାତ୍ମା ଗାନ୍ଧୀ**

## କର୍ମଚାରୀ କଲ୍ୟାଣ ବୃଦ୍ଧି

ଲୋକୋ ପାଇଲଟ୍, ଗାର୍ଡ଼୍, ଟିଟିଇ ଭଳି କର୍ମଚାରୀଙ୍କ ପାଇଁ ରନିଂ ରୁମ୍‌ର ଉନ୍ନତିକରଣ

କର୍ମଚାରୀ କଲୋନୀ ଏବଂ କାର୍ଯ୍ୟସ୍ଥଳୀ ଇତ୍ୟାଦିର ଉନ୍ନତିକରଣ

ରହିବା ପାଇଁ ଅଧିକ ଆରାମଦାୟକ କରିବାକୁ ରେଳ ସୁରକ୍ଷା ବଳ (ଆରପିଏଫ୍) ବାରାକ୍‌ର ଆଧୁନିକୀକରଣ

ପ୍ରତିବର୍ଷ ସମସ୍ତ କର୍ମଚାରୀଙ୍କ ପ୍ରତିଷେଧକମୂଳକ ସ୍ୱାସ୍ଥ୍ୟ ପରୀକ୍ଷା

## କ୍ରୀଡ଼ା କ୍ଷେତ୍ରରେ ଭାରତ ଗର୍ବିତ

ଭାରତ ହାସଲ କରିଥିବା ଆନ୍ତର୍ଜାତିକ ପଦକ କ୍ଷେତ୍ରରେ 33% ଅବଦାନ ହେଉଛି ରେଳବାଇ କ୍ରୀଡ଼ାବିତ୍ ମାନଙ୍କର

2018 କମନ୍‌ୱେଲଥ୍ ଗେମ୍‌ରେ କୁସ୍ତି ଓ ଭାର ଉତ୍ତୋଳନରେ ଭାରତ ଜିତିଥିବା ସମସ୍ତ 10ଟି ସ୍ୱର୍ଣ୍ଣ ପଦକ ରେଳବାଇ କ୍ରୀଡ଼ାବିତ୍‌ମାନଙ୍କ ଦ୍ୱାରା ହାସଲ ହୋଇଛି ।

ଅଲିମ୍ପିକ୍ସ 2016ରେ ସାକ୍ଷୀ ମଲ୍ଲିକ ବ୍ରୋଞ୍ଜ୍ ପଦକ ଜିତିଛନ୍ତି ।

















ମିରାବାଇ ଚାନୁ

# ଏକ କୁଶଳୀ କର୍ମ ସମ୍ବଳ ପାଇଁ ପ୍ରସ୍ତୁତି

## ବଡୋଦରାରେ ଭାରତର ପ୍ରଥମ ରେଳ ଏବଂ ପରିବହନ ଜାତୀୟ ବିଶ୍ୱବିଦ୍ୟାଳୟ

କୁଶଳୀ ଶ୍ରମଶକ୍ତିର ମାନବସମ୍ବଳ ସୃଷ୍ଟି କରିବା

ଉତ୍ପାଦନଶୀଳତା ବୃଦ୍ଧି ଏବଂ 'ମେକ୍ ଇନ୍ ଇଣ୍ଡିଆ'କୁ ପ୍ରୋତ୍ସାହନ

ଆଧୁନିକୀକରଣ ରାସ୍ତାରେ ଭାରତୀୟ ରେଳବାଇ

ଅଗଷ୍ଟ 2018ରେ 2 ଟି ପାଠ୍ୟକ୍ରମ ଆରମ୍ଭ ହେବ - ବିବିଏ (ପରିବହନ ପରିଚାଳନା) ଏବଂ ବିଏସସି (ପରିବହନ ପ୍ରଯୁକ୍ତି)

2019ରୁ ସ୍ନାତକୋତ୍ତର ପାଠ୍ୟକ୍ରମ  ଆରମ୍ଭ ହେବାର ସମ୍ଭାବନା

କର୍ମ କ୍ଷେତ୍ରରେ ପ୍ରଦର୍ଶନ ବୃଦ୍ଧି ପାଇଁ ସଦ୍ୟତମ ଶିକ୍ଷା ବିଜ୍ଞାନ ଓ ପ୍ରଯୁକ୍ତି ଜ୍ଞାନର ପ୍ରୟୋଗ










## ସକ୍ଷମ ପ୍ରକଳ୍ପ

ସମସ୍ତ କର୍ମଚାରୀଙ୍କୁ ଚାକିରୀ ଭିତରେ 5 ଦିନିଆ ତାଲିମ୍ / ଶ୍ରେଣୀ ଗୃହ ତାଲିମ

## ଶିକ୍ଷାନବିସମାନଙ୍କ ତାଲିମ

ପ୍ରତିବର୍ଷ ରେଳବାଇ ତାହାର କର୍ମଚାରୀ ସଂଖ୍ୟାର 5% ଙ୍କୁ ଦକ୍ଷତା ତାଲିମ ପ୍ରଦାନ କରୁଛି

ତାଲିମପ୍ରାପ୍ତ ବ୍ୟକ୍ତିଙ୍କ ସଂଖ୍ୟା 20,000ରୁ 31,000କୁ ବୃଦ୍ଧି ପାଇଛି ।

# କୋଇଲା : ବିକାଶ ପାଇଁ ଜାତିର ଇନ୍ଧନ

ଅନ୍ୱେଷଣ ପାଇଁ ଖନନ ଦୁଇଗୁଣା କରାଯାଇଛି : 2013-14 ରେ ଏହା 6.9 ଲକ୍ଷ ମିଟର ଥିବା ବେଳେ 2017-18 ରେ ଏହା 13.7 ଲକ୍ଷ ମିଟର ବୃଦ୍ଧି ହୋଇଛି

ବିଗତ 4 ବର୍ଷ ମଧ୍ୟରେ କୋଲ୍ ଇଣ୍ଡିଆର 105 MT ଉତ୍ପାଦନ ବୃଦ୍ଧି ପାଇଛି ଯାହାକୁ ହାସଲ କରିବା ପାଇଁ 2013-14 ପୂର୍ବରୁ 7 ବର୍ଷ ଲାଗୁଥିଲା ।




କୋଲ୍ ଇଣ୍ଡିଆର କୋଇଲା ଉତ୍ପାଦନ କ୍ଷମତା 23% ବୃଦ୍ଧି ପାଇଛି




" ମନୁଷ୍ୟର ଆବଶ୍ୟକତାକୁ ପୂରଣ କରିବା ପାଇଁ
ପୃଥିବୀ ପୃଷ୍ଠରେ ପର୍ଯ୍ୟାପ୍ତ ସମ୍ବଳ ରହିଛି
କିନ୍ତୁ ପ୍ରତି ମନୁଷ୍ୟର ଲୋଭକୁ ନୁହେଁ "

- ମହାତ୍ମା ଗାନ୍ଧୀ

## ଉତ୍କୃଷ୍ଟମାନର କୋଇଲା

କୋଇଲାର ଗୁଣବତ୍ତାକୁ ସୁନିଶ୍ଚିତ କରିବା ପାଇଁ ତୃତୀୟ ପକ୍ଷ ସାମ୍ପଲିଂ ପ୍ରଣାଳୀ

ପାୱାର ପ୍ଲାଣ୍ଟକୁ 100% ଗୁଣ୍ଡ କୋଇଲା

କୋଲ୍ ଇଣ୍ଡିଆର ସମସ୍ତ କୋଇଲା ଖଣିର ପୁନଃବର୍ଗୀକରଣ ଓ ସିଙ୍ଗାରେନି କୋଲିଏରିଜ୍ କମ୍ପାନୀ କରିଛି

## ବିଦ୍ୟୁତ୍ ମୂଲ୍ୟ ହ୍ରାସ ପାଇଛି

ବିଗତ 4 ବର୍ଷ ମଧ୍ୟରେ ଏକ ୟୁନିଟ୍ ବିଦ୍ୟୁତ୍ ଶକ୍ତି (ନିର୍ଦ୍ଦିଷ୍ଟ କୋଇଲା ଖର୍ଚ୍ଚ) ଉତ୍ପାଦନ ପାଇଁ ଆବଶ୍ୟକୀୟ କୋଇଲା ପରିମାଣର ମାତ୍ରା 8% ହ୍ରାସ ପାଇଛି ।





“ଯଦି ମୁଁ ବିଶ୍ୱାସ କରେ କି ମୁଁ କିଛି କରିପାରିବି, ତେବେ ନିଶ୍ଚିତ ଭାବେ ତାହା କରିବା ପାଇଁ କ୍ଷମତା ଆସିଯାଏ, ଯଦିଓ ପ୍ରାରମ୍ଭରେ ଏହା ମୋ ପାଖରେ ନଥାଏ”

- ମହାତ୍ମା ଗାନ୍ଧୀ

# ନୂତନ ଭାରତ ପାଇଁ କୋଇଲା ସଂସ୍କାର

## ବାଣିଜ୍ୟ କୋଇଲା ଖଣି

- 1973ରେ ଜାତୀୟକରଣ ହେବା ପରେ କୋଇଲା ଖଣି କାର୍ଯ୍ୟରେ ଉଲ୍ଲେଖନୀୟ ସଂସ୍କାର କରାଯାଇଛି
- କୋଇଲାର ଆମଦାନୀ ନିର୍ଭରଶୀଳତାକୁ ହ୍ରାସ କରିବ ଓ ଉପଯୁକ୍ତ କୋଇଲା ଯୋଗାଣ ମାଧ୍ୟମରେ ଶକ୍ତି ସୁରକ୍ଷାକୁ ସୁନିଶ୍ଚିତ କରିବ
- ଉଚ୍ଚତର ପୁଞ୍ଜି ନିବେଶ କାରଣରୁ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ

## ସ୍ୱଚ୍ଛ ଇ-ନିଲାମ ଓ କୋଇଲା ବ୍ଲକ୍‌ର ଆବଣ୍ଟନ

- ୫୨ଟି କୋଇଲା ଖଣିର ସଫଳତାପୂର୍ବକ ନିଲାମ ଓ ଆବଣ୍ଟନ କରାଯାଇଛି
- କୋଇଲା ଥିବା ରାଜ୍ୟକୁ 100% ରାଜସ୍ୱ

# ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ

## କୋଇଲା ସଂଯୋଗୀକରଣକୁ ସୁସଙ୍ଗତ କରିବା

ସମୁଦାୟ 55.66 ମିଲିୟନ ଟନ୍ କୋଇଲା ପରିବହନକୁ ସୁସଙ୍ଗତ କରାଯାଇଛି ଯାହାଦ୍ୱାରା ବାର୍ଷିକ ସମ୍ଭାବ୍ୟ ସଞ୍ଚୟ ₹ 3,359 କୋଟି ହୋଇପାରିଛି ।

## ଶକ୍ତି

(ଭାରତରେ କୋଇଲାର ଆବଣ୍ଟନ ଓ ବିନିଯୋଗ କ୍ଷେତ୍ରରେ ସ୍ୱଚ୍ଛତା ଆଣିବା ପାଇଁ ଯୋଜନା)

କୋଇଲା ସଂଯୋଗୀକରଣର ନିଲାମ ଓ ଆବଣ୍ଟନ କ୍ଷେତ୍ରରେ ରୂପାନ୍ତରଣୀୟ ନୀତି

ଶକ୍ତିର ସୁଲଭ ଉପଯୋଗ ଓ କୋଇଲାର ସ୍ୱଚ୍ଛ ଆବଣ୍ଟନ ହୋଇପାରିଛି

ଶକ୍ତି ଯୋଜନା ଅଧିନରେ 16 ଟି ଇନ୍ଧନ ଯୋଗାଣ ରାଜିନାମା ସ୍ୱାକ୍ଷରିତ ହୋଇଛି



# ରେଳ କୋଇଲା ସହଯୋଗିତା

କୋଇଲା ପରିବହନକୁ ବୃଦ୍ଧି କରିବା ପାଇଁ 14 ଟି ଅତି ପ୍ରମୁଖ ପ୍ରକଳ୍ପରୁ କୋଇଲା ଖନନ କାର୍ଯ୍ୟର ସମୟ ସୀମାକୁ ନିର୍ଦ୍ଧାରିତ କରାଯାଇଛି

ଟୋରି-ବାଲୁମଠ ରେଳ ଷ୍ଟେସନ, ଯାହାକି ବହୁ ପ୍ରତୀକ୍ଷିତ ଟୋରି-ଶିବପୁର ରେଳ ଲାଇନ୍ (44 କିମି)ର ଏକ ଅଂଶ ଭାବେ 9 ମାର୍ଚ୍ଚ 2018 ରୁ ଆରମ୍ଭ କରାଯାଇଛି

ଓଡ଼ିଶାରେ ଝାରସୁଗୁଡ଼ା-ବରପାଲ୍ଲୀ (53 କି.ମି.) ରେଳ ଲାଇନ୍ କାର୍ଯ୍ୟକ୍ଷମ ହୋଇଛି

### ସମୁଦାୟ କୋଇଲା ପରିବହନରେ ବୃଦ୍ଧି ଘଟିଛି



‘‘ଅନ୍ୟର ସେବାରେ ନିଜକୁ ସମର୍ପିତ
କରିବା ହେଉଛି ନିଜକୁ
ଖୋଜି ପାଇବାର ଉତ୍ତମ ରାସ୍ତା’’

**-ମହାତ୍ମା ଗାନ୍ଧୀ**

सत्यमेव जयते
भारत सरकार